# REGIONAL NEWS UNIT, AIR CUTTACK

## Mid-day Bulletin (2.32PM)

### 10 February - 2025

### News Editor : Tapan Kumar Maharana

*********************************

## ମୁଖ୍ୟ ସମ୍ବାଦ

- ପରୀକ୍ଷା ପେ' ଚର୍ଚ୍ଚା କାର୍ଯ୍ୟକ୍ରମର ଅଷ୍ଟମ ସଂସ୍କରଣରେ ପ୍ରଧାନମନ୍ତ୍ରୀ' ଛାତ୍ରଛାତ୍ରୀ, ଶିକ୍ଷକ ଓ ଅଭିଭାବକଙ୍କ ସହ କଲେ ଭାବବିନିମୟ

– କହିଲେ, ପାଠପଢ଼ା ଛାତ୍ରଛାତ୍ରୀମାନଙ୍କର ସାମଗ୍ରୀକ ବିକାଶର ମାଧ୍ୟମ ହେବା ଆବଶ୍ୟକ

- ଭୁବନେଶ୍ୱର କଳିଙ୍ଗ ଷ୍ଟାଡିୟମ୍‌ରେ ଏକଲ କ୍ରୀଡ଼ା ପ୍ରତିଯୋଗିତାର ସମାପନ ଦିବସରେ ଯୋଗଦେଲେ ମୁଖ୍ୟମନ୍ତ୍ରୀ

- ରାଜ୍ୟର ୨୪ଟି ଜିଲ୍ଲାରେ କୃମିନାଶକ ଏବଂ ୬ଟି ଜିଲ୍ଲାରେ ଫାଇଲେରିଆ ସାମୂହିକ ଔଷଧ ସେବନ କାର୍ଯ୍ୟକ୍ରମ ଆଜିଠାରୁ ଆରମ୍ଭ

ଏବଂ

- ଭାରତ-ଇଂଲଣ୍ଡ କ୍ରିକେଟ ମ୍ୟାଚ୍ ସମୟରେ ଫ୍ଲଡ୍ ଲାଇଟ୍ ବନ୍ଦ ହେବା ଘଟଣାରେ ଓଡ଼ିଶା କ୍ରିକେଟ ଆସୋସିଏସନ୍‌କୁ କାରଣ ଦର୍ଶାଅ ନୋଟିସ ଜାରି କଲା ରାଜ୍ୟ କ୍ରୀଡ଼ା ବିଭାଗ

# ପରୀକ୍ଷା ପେ’ ଚର୍ଚ୍ଚା

ପରୀକ୍ଷା ଜୀବନରେ ସବୁ କିଛି ନିର୍ଦ୍ଧାରିତ କରେ ନାହିଁ। ଛାତ୍ରଛାତ୍ରୀମାନେ ଜ୍ଞାନ ଆହରଣ କରିବା ଉପରେ ଅଧିକ ଧ୍ୟାନ ଦେବା ଆବଶ୍ୟକ ବୋଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କହିଛନ୍ତି। ପରୀକ୍ଷା ପେ’ ଚର୍ଚ୍ଚା କାର୍ଯ୍ୟକ୍ରମର ଅଷ୍ଟମ ସଂସ୍କରଣରେ ଛାତ୍ରଛାତ୍ରୀଙ୍କ ସହ ଭାବବିନିମୟ କରି ପ୍ରଧାନମନ୍ତ୍ରୀ କହିଛନ୍ତି, ଶିକ୍ଷା କେବଳ ପାଠପଢ଼ାରେ ସୀମିତ ହେବା କଥା ନୁହେଁ, ଏହା ଛାତ୍ରଛାତ୍ରୀଙ୍କ ସାମଗ୍ରୀକ ବିକାଶର ମାଧ୍ୟମ ହେବା ଆବଶ୍ୟକ।

**- V/O -**

ପ୍ରଧାନମନ୍ତ୍ରୀ ଛାତ୍ରଛାତ୍ରୀମାନଙ୍କୁ ସମୟର ସଦୁପଯୋଗ କରିବା ପାଇଁ ପରାମର୍ଶ ଦେଇଛନ୍ତି। ପ୍ରଧାନମନ୍ତ୍ରୀ କହିଛନ୍ତି, ପରୀକ୍ଷା ସମୟର ସଦୁପଯୋଗ ବହୁ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିଭାଇଥାଏ। ଆଜିର ଯୁଗରେ ଦକ୍ଷତା ବହୁତ ଶକ୍ତିଶାଳୀ ମାଧ୍ୟମ। ଅଭିଭାବକମାନେ ପିଲାଙ୍କ ଦକ୍ଷତା ବିକାଶ ଉପରେ ବିଶେଷ ଗୁରୁତ୍ୱ ଦେବା ଜରୁରୀ।

**- V/O -**

ପ୍ରଧାନମନ୍ତ୍ରୀ’ ଛାତ୍ରଛାତ୍ରୀମାନଙ୍କୁ ଛୋଟ ଛୋଟ ବିଜୟରେ ଖୁସି ହେବାର ମନ୍ତ୍ର ଦେଇଛନ୍ତି। ପ୍ରଧାନମନ୍ତ୍ରୀ କହିଛନ୍ତି, ବଡ଼ ଲକ୍ଷ୍ୟ ପୂରଣ

କରିବାକୁ ହେଲେ ଛୋଟ ଛୋଟ ଲକ୍ଷ୍ୟ ନିର୍ଦ୍ଧାରିତ କରିବାକୁ ହୁଏ। ଏହା ସଫଳତା ପ୍ରାପ୍ତିର ଶ୍ରେଷ୍ଠ ମାର୍ଗ। ଛାତ୍ରଛାତ୍ରୀଙ୍କ ସହ ଭାବବିନିମୟ ସମୟରେ ପ୍ରଧାନମନ୍ତ୍ରୀ ଆତ୍ମପ୍ରେରଣା ଉପରେ ଗୁରୁତ୍ୱ ପ୍ରଦାନ କରିଛନ୍ତି। ପ୍ରଧାନମନ୍ତ୍ରୀ କହିଛନ୍ତି, ନିଜ ପାଇଁ ନିଜେ ପ୍ରେରଣା ହେଲେ ଅନ୍ୟମାନଙ୍କ ପାଇଁ ମଧ୍ୟ ଛାତ୍ରଛାତ୍ରୀମାନେ ପ୍ରେରଣାର ଉତ୍ସ ହୋଇପାରିବେ। ପ୍ରଧାନମନ୍ତ୍ରୀ ଛାତ୍ରଛାତ୍ରୀମାନଙ୍କୁ ଧ୍ୟାନର ମହତ୍ତ୍ୱ ବୁଝାଇବା ସହ ପ୍ରକୃତିର ସୁରକ୍ଷା ପାଇଁ ସୁସ୍ଥ ଜୀବନଶୈଳୀ ଆପଣାଇବାକୁ ଆହ୍ୱାନ ଦେଇଛନ୍ତି।

**- V/O -**

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଜି ଛାତ୍ରଛାତ୍ରୀଙ୍କ ସହ ପରୀକ୍ଷା ପେ' ଚର୍ଚ୍ଚାର ସିଧାପ୍ରସାରଣ ଦେଖିଛନ୍ତି। କାର୍ଯ୍ୟକ୍ରମ ପରେ ମୁଖ୍ୟମନ୍ତ୍ରୀ ଛାତ୍ରଛାତ୍ରୀଙ୍କ ସହ ଆଲୋଚନା କରିଥିଲେ।

ସୂଚନା ଅନୁସାରେ, ପରୀକ୍ଷା ପେ' ଚର୍ଚ୍ଚା-୨୦୨୫ ଆଠଟି ପ୍ରସଙ୍ଗ ଉପରେ ପର୍ଯ୍ୟବେସିତ।

ଭଦ୍ରକ ଜିଲ୍ଲା ପିଏମ୍-ଶ୍ରୀ କେନ୍ଦ୍ରୀୟ ବିଦ୍ୟାଳୟରେ ପରୀକ୍ଷା ପେ' ଚର୍ଚ୍ଚା କାର୍ଯ୍ୟକ୍ରମରେ ଛାତ୍ରଛାତ୍ରୀ ଓ ଶିକ୍ଷକ/ଶିକ୍ଷୟିତ୍ରୀମାନେ ଅତ୍ୟନ୍ତ ଉତ୍ସାହର ସହ ଭାଗ ନେଇଥିଲେ। ଏ ସମ୍ପର୍କରେ ନବମ ଶ୍ରେଣୀ ଛାତ୍ରୀ ପୁଷ୍ପିକା ନାୟକ କହିଛନ୍ତି...

**- V/O -**

ସୁବର୍ଣ୍ଣପୁର କେନ୍ଦ୍ରୀୟ ବିଦ୍ୟାଳୟରେ ପରୀକ୍ଷା ପେ' ଚର୍ଚ୍ଚା କାର୍ଯ୍ୟକ୍ରମରେ ଛାତ୍ରଛାତ୍ରୀ ଓ ଶିକ୍ଷକଶିକ୍ଷୟିତ୍ରୀମାନେ ପରୀକ୍ଷା ସମ୍ପର୍କିତ ପ୍ରସ୍ତୁତି ଓ ପ୍ରାୟୋଗିକ ଜ୍ଞାନର ବ୍ୟବହାରିକ ଦିଗ ଉପରେ ପ୍ରଧାନମନ୍ତ୍ରୀଙ୍କ ପରାମର୍ଶକୁ ଶୁଣିଛନ୍ତି ।

କଳାହାଣ୍ଡି ଜିଲ୍ଲା ଭବାନୀପାଟଣାସ୍ଥିତ କେନ୍ଦ୍ରୀୟ ବିଦ୍ୟାଳୟରେ ପରୀକ୍ଷା ପେ' ଚର୍ଚ୍ଚାର ଅଷ୍ଟମ ସଂସ୍କରଣରେ ଛାତ୍ରଛାତ୍ରୀମାନେ ସାମିଲ ହୋଇ ପ୍ରଧାନମନ୍ତ୍ରୀଙ୍କ ପରାମର୍ଶ ପ୍ରଭାବିତ କରିଛି ବୋଲି କହିଛନ୍ତି ।

ପୁରୀ କେନ୍ଦ୍ରୀୟ ବିଦ୍ୟାଳୟ ପରିସରରେ ଆୟୋଜିତ କାର୍ଯ୍ୟକ୍ରମରେ ୮୦୦ରୁ ଅଧିକ ଛାତ୍ରଛାତ୍ରୀ, ଶିକ୍ଷକ ଶିକ୍ଷୟିତ୍ରୀ ଭାଗ ନେବା ସହ ପ୍ରଧାନମନ୍ତ୍ରୀଙ୍କ ପରାମର୍ଶ ପରୀକ୍ଷା ସମୟରେ ମାନସିକ ଚାପ ଦୂର କରିବାରେ ସହାୟକ ହେବ ବୋଲି କହିଛନ୍ତି ।

ରାୟଗଡ଼ା ଜିଲ୍ଲା ହଟାମୁନିଗୁଡ଼ା ବାଳିକା ସେବାଶ୍ରମ ସମେତ ବିଭିନ୍ନ ବିଦ୍ୟାଳୟରେ ପରୀକ୍ଷା ପେ' ଚର୍ଚ୍ଚା କାର୍ଯ୍ୟକ୍ରମରେ ଛାତ୍ରଛାତ୍ରୀ ଓ ଶିକ୍ଷକ ଶିକ୍ଷୟିତ୍ରୀମାନେ ସାମିଲ ହୋଇଥିଲେ । ପିଲାମାନେ କିଭଳି ଚିନ୍ତାମୁକ୍ତ ରହିପାରିବେ ସେ ନେଇ ପ୍ରଧାନମନ୍ତ୍ରୀ ଦେଇଥିବା ପରାମର୍ଶକୁ ଛାତ୍ରଛାତ୍ରୀମାନେ ଗ୍ରହଣ କରିଥିବା କହିଛନ୍ତି ।

*Desk*

# ଏକଲ ଖେଳକୁଦ ଅନୁଷ୍ଠିତ

ଭୁବନେଶ୍ୱର କଳିଙ୍ଗ ଷ୍ଟାଡିୟମରେ ଅନୁଷ୍ଠିତ ତିନିଦିନିଆ ତୃତୀୟ ଜାତୀୟସ୍ତରୀୟ ଏକଲ କ୍ରୀଡ଼ା ପ୍ରତିଯୋଗିତା ଉଦ୍‌ଯାପିତ ହୋଇଛି। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟ ଅତିଥିଭାବେ ଯୋଗଦେଇ ଏଭଳି ପ୍ରତିଯୋଗିତା ଗ୍ରାମାଞ୍ଚଳ ଓ ଆଦିବାସୀ ଅଞ୍ଚଳର ଯୁବ ଖେଳାଳିମାନଙ୍କ ଉତ୍ସାହ ଓ ପ୍ରତିଭାର ବିକାଶ ଦିଗରେ ସହାୟକ ହେବ ବୋଲି କହିଛନ୍ତି। ସେ କହିଛନ୍ତି, ଏହି କାର୍ଯ୍ୟକ୍ରମ କେବଳ କ୍ରୀଡ଼ାକୁ ପ୍ରୋତ୍ସାହିତ କରେ ନାହିଁ ବରଂ ଆମ ସମାଜରେ ସମାନତା, ଏକତା ଏବଂ ଅର୍ନ୍ତଭୁକ୍ତୀକରଣକୁ ମଧ୍ୟ ସୁଦୃଢ଼ କରିଥାଏ।

ଆୟୋଜିତ ଉତ୍ସବରେ ଓଡ଼ିଶା ରାଷ୍ଟ୍ରୀୟ ସ୍ୱୟଂସେବକ  ସହ-ପ୍ରାନ୍ତ ସଂଘ ପରିଚାଳକ ମନସୁଖଲାଲ୍ ସେଠିଆ ମୁଖ୍ୟବକ୍ତା ଭାବେ ଯୋଗଦେଇଥିବା ବେଳେ ପରିବହନ ମନ୍ତ୍ରୀ ବିଭୂତି ଭୂଷଣ ଜେନା ସମ୍ମାନିତ ଅତିଥିଭାବେ ଯୋଗ ଦେଇଥିଲେ। ଏହି ପ୍ରତିଯୋଗିତାରେ ୨୫ଟି ରାଜ୍ୟରୁ ୧ ହଜାର ୨୦୦ ଜଣ ଖେଳାଳି ଭାଗ ନେଇଥିଲେ।।

***R.gada/N.rangpur/Kandhamal/BHK/Desk***

# ଫାଇଲେରିଆ ନିରାକରଣ-ଔଷଧ

ଫାଇଲେରିଆ ନିରାକରଣ ପାଇଁ କଟକ, ନୟାଗଡ, କନ୍ଧମାଳ, ରାୟଗଡା, ବଲାଙ୍ଗୀର, କଳାହାଣ୍ଡି ଜିଲ୍ଲାରେ ଆଜିଠାରୁ ସାମୁହିକ ଔଷଧ

ସେବନ କାର୍ଯ୍ୟକ୍ରମ ଆରମ୍ଭ ହୋଇଛି । ଏଥିରେ ଫାଇଲେରିଆ ନିରୋଧକ ଔଷଧ ସହିତ କୃମିନାଶକ ଔଷଧ ଦିଆଯାଉଛି । ଗର୍ଭବତୀ ମହିଳା, ଦୁଇବର୍ଷରୁ କମ୍ ବୟସର ଶିଶୁ ଏବଂ ଗୁରୁତର ଅସୁସ୍ଥ ଥିବା ଲୋକମାନଙ୍କୁ ଫାଇଲେରିଆ ଔଷଧ ସେବନ ନ କରିବା ପାଇଁ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ କୁହାଯାଇଛି । ଅନ୍ୟପକ୍ଷରେ ଆଜି ରାଜ୍ୟର ୨୪ଟି ଜିଲ୍ଲାରେ ଜାତୀୟ କୃମିନାଶକ ଦିବସ ପାଳନ କରାଯାଉଛି । ଏକବର୍ଷରୁ ୧୯ ବର୍ଷ ବୟସର ପିଲା ଏବଂ ୨୦ରୁ ୨୪ ବର୍ଷ ବୟସର ପ୍ରଜନନକ୍ଷମ ମହିଳାଙ୍କୁ କୃମିନାଶକ ଔଷଧ ଖାଇବାକୁ ଦିଆଯାଇଛି । ବିଦ୍ୟାଳୟ ଯାଉନଥିବା ଛୋଟପିଲାମାନଙ୍କୁ ଅଙ୍ଗନବାଡି କେନ୍ଦ୍ରରେ ଅଙ୍ଗନବାଡି କର୍ମୀ ଏବଂ ଆଶାକର୍ମୀମାନେ ଔଷଧ ଖାଇବାକୁ ଦେଇଛନ୍ତି । ଏହାସହିତ ଚଳିତମାସରେ ଅନୁଷ୍ଠିତ ହେଉଥିବା ସମସ୍ତ ଟିକାକରଣ ଶିବିରରେ ୯ ମାସରୁ ୫ ବର୍ଷ ପର୍ଯ୍ୟନ୍ତ ସମସ୍ତ ପିଲାମାନଙ୍କୁ ଭିଟାମିନ୍ 'ଏ' ଦ୍ରବଣ ଖାଇବାକୁ ଦିଆଯିବ ବୋଲି ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ କୁହାଯାଇଛି ।

ଭଦ୍ରକ ଜିଲ୍ଲା ସ୍ୱାସ୍ଥ୍ୟ ସମିତି ପକ୍ଷରୁ ସରକାରୀ ବିଦ୍ୟାଳୟ, ସ୍ୱାସ୍ଥ୍ୟକେନ୍ଦ୍ର ଓ ଅଙ୍ଗନବାଡ଼ି କେନ୍ଦ୍ରରେ କୃମିନାଶକ ବଟିକା ସେବନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି । ଜିଲ୍ଲାରେ ୬ ଲକ୍ଷ ୫୨ ହଜାର ୮୦୦ ଜଣଙ୍କୁ କୃମିନାଶକ ବଟିକା ଦିଆଯିବାକୁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି ।

ଫୁଲବାଣୀ ଗାନ୍ଧି ସ୍ମୃତି ଭବନରେ ଫାଇଲେରିଆ ନିରାକରଣ ଓ ସାମୂହିକ ଔଷଧ ସେବନ ରାଜ୍ୟସ୍ତରୀୟ କାର୍ଯ୍ୟକ୍ରମ ଉଦ୍‌ଘାଟିତ ହୋଇଛି। ରାଜ୍ୟ ସ୍ୱାସ୍ଥ୍ୟମନ୍ତ୍ରୀ ମୁକେଶ ମହାଲିଙ୍ଗ ଏହି କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରି ସଚେତନତା ରଥର ଶୁଭାରମ୍ଭ କରିଥିବା ବେଳେ କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରୀ ଜେ.ପି.ନଡ୍ଡା ଆଭାସୀ ମାଧ୍ୟମରେ ଏଥିରେ ସାମିଲ ହୋଇଥିଲେ। ମନ୍ତ୍ରୀ ଶ୍ରୀ ମହାଲିଙ୍ଗ ନିଜେ ଔଷଧ ଖାଇବା ସହିତ ଶିଶୁମାନଙ୍କୁ ଔଷଧ ଖୁଆଇଥିଲେ। କେନ୍ଦ୍ରମନ୍ତ୍ରୀ ଶ୍ରୀ ନଡ୍ଡା ଏହି କାର୍ଯ୍ୟକ୍ରମର ସଫଳ ରୂପାୟନ ଲାଗି ଓଡ଼ିଶାକୁ ପ୍ରଶଂସା କରିଥିଲେ।

ନବରଙ୍ଗପୁର ରାଜା ଚୈତନ୍ୟଦେବ ସରକାରୀ ଉଚ୍ଚବିଦ୍ୟାଳୟରେ ଜିଲ୍ଲାସ୍ତରୀୟ ଜାତୀୟ କୃମିନାଶକ ଦିବସ ଆରମ୍ଭ ହୋଇଛି। ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡାକ୍ତର ସନ୍ତୋଷ କୁମାର ପଣ୍ଡା କୃମିନାଶକ ଦିବସର ଉଦ୍ଦେଶ୍ୟ ଓ ବଟିକା ସେବନର ଉପକାରିତା ସମ୍ପର୍କରେ କହିଥିଲେ। ଜିଲ୍ଲାରେ ୧ ଲକ୍ଷ ୧୯ ହଜାର ୨୩୧ ଜଣ ଶିଶୁଙ୍କୁ କୃମିନାଶକ ସିରପ ଓ ୩ ଲକ୍ଷ ୧ ହଜାର ୩୨୩ ଜଣ ଶିଶୁ ଓ କିଶୋର-କିଶୋରୀଙ୍କୁ କୃମିନାଶକ ବଟିକା ଦିଆଯାଉଛି।

ରାୟଗଡ଼ା ଜିଲ୍ଲା ହାଟମୁନିଗୁଡ଼ା ବାଳିକା ଉଚ୍ଚବିଦ୍ୟାଳୟରେ ଜିଲ୍ଲାସ୍ତରୀୟ ଫାଇଲେରିଆ ଔଷଧ ସେବନ ଓ ଜାତୀୟ କୃମିନାଶକ ଦିବସ ପାଳନ ଅବସରରେ ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡାକ୍ତର ଲାଲମୋହନ

ରାଉତରାୟ ଯୋଗଦେଇ ଛାତ୍ରଛାତ୍ରୀମାନଙ୍କୁ ଫାଇଲେରିଆ ଔଷଧ ସେବନର ଉପକାରିତା ସମ୍ପର୍କରେ କହିଥିଲେ।

***Puri***

## 'ସାଂସ୍କୃତିକ ବିଚିତ୍ରା' କାର୍ଯ୍ୟକ୍ରମ

ପୁରୀ ତାଳବଣିଆ ପଡ଼ିଆରେ ଭାରତ-ଜାପାନ୍ ବନ୍ଧୁତ୍ୱ କେନ୍ଦ୍ର ପକ୍ଷରୁ 'ସାଂସ୍କୃତିକ ବିଚିତ୍ରା' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି କେନ୍ଦ୍ରର ସଭାପତି ଶ୍ରୀମନ୍ତ କୁମାର ଦାସଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଉଭୟ ଦେଶର କଳାକାରମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ବିଭିନ୍ନ ଷ୍ଟଲ୍‌ରେ ଜାପାନ୍ ତରଫରୁ ସେଠାକାର ସଂସ୍କୃତି ଓ ନିତ୍ୟ ବ୍ୟବହାର୍ଯ୍ୟ ଶୈଳୀର ପ୍ରଦର୍ଶନ କରାଯାଇଥିଲା।

***HS***

## କ୍ରିକେଟ ମ୍ୟାଚ୍ ବାଧାପ୍ରାପ୍ତ

କଟକ ବାରବାଟୀ ଷ୍ଟାଡିୟମ୍‌ରେ ଗତକାଲି ଭାରତ ଓ ଇଂଲଣ୍ଡ ମଧ୍ୟରେ ଅନୁଷ୍ଠିତ ଦ୍ୱିତୀୟ ଏକଦିବସୀୟ ମ୍ୟାଚ୍ ସମୟରେ ଫ୍ଲଡ୍ ଲାଇଟ୍ ବନ୍ଦ ହେବା ଯୋଗୁଁ ଖେଳ ବାଧାପ୍ରାପ୍ତ ହେବା ଘଟଣାରେ ରାଜ୍ୟ କ୍ରୀଡ଼ା ବିଭାଗ' ଓଡ଼ିଶା କ୍ରିକେଟ ଆସୋସିଏସନ୍‌କୁ କାରଣ ଦର୍ଶାଅ ନୋଟିସ ଜାରି କରିଛନ୍ତି। ଏହି ଘଟଣା ଯୋଗୁଁ ପ୍ରାୟ ୩୦ ମିନିଟ୍ ଖେଳ ବନ୍ଦ ରହିବା ଯୋଗୁଁ ଖେଳାଳି ଏବଂ ଦର୍ଶକମାନେ ଅସୁବିଧାର ସମ୍ମୁଖୀନ ହୋଇଥିଲେ। କାରଣ ଦର୍ଶାଅ ନୋଟିସ୍‌ରେ ଓସିଏକୁ ଏହାର କାରଣ ବିସ୍ତୃତଭାବେ ଦେବା

ସହ ଏଥିପାଇଁ ଯେଉଁମାନେ ଦାୟୀ ଓ ଆଗାମୀ ଦିନରେ ଏହି ଘଟଣା ଯେଭଳି ନଘଟିବ ସେଥିପାଇଁ କିଭଳି ପଦକ୍ଷେପ ଗ୍ରହଣ କରାଯିବ ସେ ନେଇ ତଥ୍ୟ ଦେବାକୁ କୁହାଯାଇଛି। ଆସନ୍ତା ୧୦ ଦିନ ମଧ୍ୟରେ କାରଣ ଦର୍ଶାଅ ନୋଟିସ୍‌ର ଉତ୍ତର ଦେବାକୁ କ୍ରୀଡ଼ା ବିଭାଗ ନିର୍ଦ୍ଦେଶ ଦେଇଛି।

***BBSR/R***

## ଜାତୀୟ ମହିଳା କମିଶନଙ୍କ ଓଡ଼ିଶା ଗସ୍ତ

ଜାତୀୟ ମହିଳା କମିଶନ ଅଧ୍ୟକ୍ଷା ବିଜୟା ରାହତକର ଆଜିଠାରୁ ଦୁଇଦିନିଆ ଓଡ଼ିଶା ଗସ୍ତରେ ଆସୁଛନ୍ତି। ଶ୍ରୀମତୀ ରାହତକର ଓଡ଼ିଶା ରାଜ୍ୟ ମହିଳା ଆୟୋଗର ପ୍ରତିଷ୍ଠା ଦିବସରେ ଯୋଗଦେବେ। ଏଥିସହିତ ସେ ମାନବ ଚାଲାଣ ନିରାକରଣ, ଯୌନ ଉତ୍ପୀଡ଼ନ ନିରୋଧ ଆଇନ ଓ ବାଲ୍ୟବିବାହ ନିରାକରଣ କ୍ଷେତ୍ରରେ ଓଡ଼ିଶାର ସ୍ଥିତି ବିଷୟରେ ସମୀକ୍ଷା କରିବାର କାର୍ଯ୍ୟକ୍ରମ ରହିଛି।

***Ganjam***

## ପିଏମ୍ ବିଶ୍ୱକର୍ମା ସଚେତନତା

ଗଞ୍ଜାମ ଜିଲ୍ଲା ପୋଲସରାଠାରେ କେନ୍ଦ୍ର ସରକାରଙ୍କ ଅଣୁ, କ୍ଷୁଦ୍ର, ଅତିକ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ ମନ୍ତ୍ରଣାଳୟ ପକ୍ଷରୁ ପିଏମ୍ ବିଶ୍ୱକର୍ମା ଯୋଜନା ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ରାଜ୍ୟ ମତ୍ସ୍ୟ ଓ ପଶୁସମ୍ପଦ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ ଏଥିରେ ମୁଖ୍ୟ ଅତିଥିଭାବେ ଯୋଗଦେଇ ଯୋଜନାର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ଉପରେ ଆଲୋଚନା

କରିଥିଲେ । କାର୍ଯ୍ୟକ୍ରମରେ ବିଶ୍ୱକର୍ମା ଯୋଜନାରେ ପଞ୍ଜୀକରଣ, କୌଶଳ ବିକାଶ, ପ୍ରଶିକ୍ଷଣ ଓ ବ୍ୟାଙ୍କରଣ ଆଦି ସମ୍ବନ୍ଧରେ ସୂଚନା ଦିଆଯାଇଥିଲା ।

*********************************